# ଜିଲ୍ଲା କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ

## **କ୍ଷମତାପନ୍ନ ପ୍ରାଧିକାରୀ** ତଥା ଭୂ-ଅର୍ଜନ ଅଧିକାରୀ (ଜାତୀୟ ରାଜପଥ -୫୯), କନ୍ଧମାଳ, ଫୁଲବାଣୀ

## ସର୍ବସାଧାରଣ ନୋଟିସ

**ଜାତୀୟ ରାଜ**ପଥ ଆଇନ ୧୯୫୬(Act. 48 of 56) ର ଧାରା 3 (G) ଉପଧାରା (3) ମୁତାବକ P.R. **ସଂଖ୍ୟା ୦୨/ ଫୁଲବାଣୀ ତା. ୧**୮.୧୨.୨୦୧୯ ।

**ଯେହେତୁ ଜାତୀ**ୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O.4169 (E) ତା. **18-11-2019 ରିଖ ଓ ଭାରତ** ସରକାରଙ୍କ ରାଜପତ୍ର ସଂଖ୍ୟା 3743 ତା. 20-11-2019 ରିଖ ପ୍ରୋକ୍ତ ଆଇନର ଧାରା (3) 'A' ରେ **ଉଲ୍ଲିଖିତ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥା**ତ ଜାତୀୟ ରାଜପଥ ସଂଖ୍ୟା ୫୯ ର ଓଡିଶା ରାଜ୍ୟର କନ୍ଧମାଳ ଜିଲ୍ଲାରେ କି. ମି. ୧୭୩.୩୭୦ ରୁ **କି.ମି. ୨୨୯.୪୦୦ (ବାଲିଗୁଡା-ଦାରିଙ୍ଗ**ବାଡି ସେକ୍ସନ) ପର୍ଯ୍ୟନ୍ତ ମୌଜା- ବାଲିଗୁଡା, ଡବେରି, ଗ୍ରେଓଡି, ଖଜୁରିପଦରୀ, କିରିକୁଟି, ମାଲେବାଡି, **ପଟାଙ୍ଗି, ସିମନବାଡି, ସର୍ନିକେତା, ସୁବ**ରଙ୍ଗା, ସୁଲୁମାହା, କାଣ୍ଡିବନ୍ଧ, ମହାସିଙ୍ଗ ନିମନ୍ତେ ଧାରା (3) (D) ର ଉପଧାରା 1 ମୁତାବକ ନିମ୍ନ **ତଫସିଲଭୁକ୍ତ ପ୍ଲଟ ଅଧିସୂଚିମାନ ଅଧିଗ୍ର**ହଣ କରିବାକୁ ସ୍ଥିରିକୃତ କରି ଅଧିସୂଚନାଜାରୀ ହୋଇଅଛି ।

**ଯେହେତୁ ପ୍ରୋକ୍ତ** ଆଇନର ଧାରା 3 (G) ର ଉପଧାରା 1 ଅନୁସାରେ ଅଧିଗ୍ରହଣ ନିମିତ ସ୍ଥିରିକୃତ ହୋଇଥିବା **ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମି ଏବଂ** ଜମିରେ ଥିବା ଗୃହ, କୂପ, ବୃକ୍ଷ ଇତ୍ୟାଦିର ମୂଲ୍ୟ ନିର୍ଦ୍ଧାରଣ କ୍ଷମତାପନ୍ନ ପ୍ରାଧିକାରୀଙ୍କ ଦ୍ୱାରା **କରାଯିବା ଆବଶ୍ୟକ ।**

**ଅତଏବ ତଫସି**ଲ ଭୁକ୍ତ ଅନୁସୂଚୀ ଜମିର ଭୂମି ମାଲିକ ତଥା ଜମିରେ ସ୍ୱାର୍ଥ ସଂଶ୍ଳିଷ୍ଟ ଅନ୍ୟାନ୍ୟବ୍ୟକ୍ତିମାନଙ୍କୁ ଜଣାଇ **ଦିଆଯାଉଅଛି ଯେ, ସେମାନେ ନିମ୍ନ ସ୍ୱାକ୍ଷ**ରକାରୀଙ୍କ ଇଜିଲାସରେ ଧାର୍ଯ୍ୟ ତାରିଖରେ ପୂର୍ବାହ୍ନ ଘ. ୧୧.୦୦ ମି. ସମୟରେ ଆନୁସଙ୍ଗିକ ସମସ୍ତ **କାଗଜାତ ସହ ନିଜେ କିମ୍ବା ନିଜର** ବିଧିପୂର୍ବକ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ **ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କ**ରାଯିବ ।

**ଯେହେତୁ ଭାରତ** ସରକାରଙ୍କ ଉପରୋକ୍ତ ଅଧିସୂଚନା ସଂଖ୍ୟା ଅନୁସାରେ ନିମ୍ନ ତଫସିଲ ଭୁକ୍ତ ଜମି ଜାତୀୟ ରାଜପଥ **ଆଇନ ୧୯୫୬ ଧାରା 3 (D) ଅନୁଯା**ୟୀ କେନ୍ଦ୍ର ସରକାରଙ୍କ ଠାରେ ନ୍ୟସ୍ତ ହୋଇଅଛି ଏବଂ କେନ୍ଦ୍ର ସରକାର ପ୍ରୋକ୍ତ ଜମିପାଇଁ ଯଥୋଚିତ **କ୍ଷତିପୂରଣ ଅର୍ଥ କ୍ଷମତାପନ୍ନ ଅଧିକାରୀ**ଙ୍କ ନିକଟରେ ଜମା କରିଛନ୍ତି । ତେଣୁ ପ୍ରୋକ୍ତ ଆଇନର ଧାରା 3 (E) ଅନୁଯାୟୀ ଜଣାଇ **ଦିଆଯାଉଅଛି ଏହି ନୋଟିସ ପ୍ରାପ୍ତିର ୬**୦ ଦିନ ମଧ୍ୟରେ ସମ୍ପୃକ୍ତ ଜମିର ସତ୍ୱାଧିକାରୀ / ଜମି ମାଲିକ / ସ୍ୱାର୍ଥଥିବା ବ୍ୟକ୍ତି କାଗଜାତ ଦାଖଲ **ପୂର୍ବକ କ୍ଷତିପୂରଣ ଗ୍ରହଣ କରିବା ନିମନ୍ତେ** ପ୍ରୋକ୍ତ ସମ୍ପତ୍ତିରୁ ଅନ୍ତର ହେବେ ନଚେତ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ଆମର ଦସ୍ତଖତ** ଓ ସହ ମୋହର ଦ୍ୱାରା ପ୍ରମାଣିତ ।

**କ୍ଷମତାପନ୍ନ ପ୍ରାଧିକାରୀ ତଥା ଭୂ-ଅର୍ଜନ ଅଧିକାରୀ**
**କନ୍ଧମାଳ, ଫୁଲବାଣୀ**